## ସଂକ୍ଷେପରେ

### ଗ୍ୟାରେଜରେ ଅଗ୍ନିକାଣ୍ଡ
### ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା



**ବ୍ରହ୍ମପୁର ଅଫିସ,୧୯।୧୨:** ଟାଉନ ଥାନା ଅନ୍ତର୍ଗତ ଗେଟବଜାର ନିକଟ ରେଡ଼ିଓ ଷ୍ଟେଶନ କଡରେ ଥିବା ଏକ ବାଇକ୍ ଗ୍ୟାରେଜରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗ୍ୟାରେଜ ମାଲିକ ମହେନ୍ଦ୍ର ସାହୁ ବୁଧବାର ରାତିରେ ଦୋକାନ ବନ୍ଦ କରି ଚାଲିଯାଇଥିଲେ। ରାତି ୩ ଟାରେ ଜଣେ ଲୋକ ଗ୍ୟାରେଜରୁ ଧୂଆଁ ବାହାରୁଥିବା ଦେଖି ଅଗ୍ନିଶମ ବିଭାଗ ଓ ମାଲିକ ମହେନ୍ଦ୍ର ସାହୁଙ୍କୁ ଖବର କରିଥିଲେ। ଅଗ୍ନିଶମ କର୍ମଚାରୀ ଦୋକାନ କବାଟ ଭାଙ୍ଗି ନିଆଁକୁ ଆୟତ୍ତ କରିଥିଲେ। ଦୋକାନ ଭିତରେ ଥିବା ଏଲସିଡି ଟିଭି, ସିସି କ୍ୟାମେରା, ବହୁ ତେଲ ଡବା, ମରାମତି ପାଇଁ ଥିବା କେତେକ ବାଇକ୍ ପୋଡି ଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଏହି ଅଗ୍ନିକାଣ୍ଡରେ ଗ୍ୟାରେଜ ଭିତରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଥିବା ମାଲିକ ମହେନ୍ଦ୍ର କହିଛନ୍ତି।

### ଆକ୍ରମଣ ମାମଲା, ବାପ-ପୁଅ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୯।୧୨:** ଗଞ୍ଜାମ ଜିଲା ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟ ଅନନ୍ୟା ଦାସ ଏକ ଆକ୍ରମଣ ମାମଲାର ବିଚାର ଗୁରୁବାର କରିଥିଲେ। ପ୍ରମାଣ ଅଭାବରୁ ସେ ବାପ-ପୁଅଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜୟମଙ୍ଗଳନଗରର ରମାକାନ୍ତ ନାୟକ ଓ ତାଙ୍କ ପୁଅ ମନୋଜ।
ପ୍ରକାଶ ଯେ, ୨୦୧୮ ଡିସେମ୍ବର ୮ ରାତିରେ ରଶ୍ମିକାନ୍ତ ନାୟକ ଦାଣ୍ଡରେ ଠିଆ ହୋଇଥିବା ବେଳେ ତାଙ୍କ ଭାଇ ରମାକାନ୍ତ ଓ ପୁଅ ମନୋଜ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ଟାଉନ ଥାନା ପୋଲିସ ମାମଲା ନଂ.୨୫୨/୧୮ ରେ ଉଭୟ ବାପ-ପୁଅଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର ବେଳେ ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ବାପ-ପୁଅଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ନାୟକ ଓ ପ୍ରସନ୍ନ ସେଠୀ ମକଦ୍ଦମା ପରିଚାଳନା କରିଥିଲେ।

# ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷା ବାତିଲ

**ବ୍ରହ୍ମପୁର ଅଫିସ,୧୯।୧୨**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ଅର୍ଦ୍ଧବାର୍ଷିକ ପରୀକ୍ଷା କେବଳ ନାମକୁମାତ୍ର। କଲେଜ କର୍ତ୍ତୃପକ୍ଷ ହାତରେ ଏହି ପରୀକ୍ଷା କରାଇବା ନେଇ ପରିଷଦ ଦାୟିତ୍ୱ ନ୍ୟସ୍ତ କରିଛି। କିନ୍ତୁ ପରୀକ୍ଷା ନିୟନ୍ତ୍ରଣ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଖାମଖିଆଲ ନୀତିରେ ଆୟୋଜନ କରୁଛନ୍ତି। ଏପରିକି ପରୀକ୍ଷା ନିୟମାବଳୀକୁ ମଧ୍ୟ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ଏପରି ଏକ ଉଦାହରଣ ଗୁରୁବାର ଦେଖିବାକୁ ମିଳିଛି ବ୍ରହ୍ମପୁର ମହାମାୟୀ ମହିଳା କଲେଜରେ। ଗୁରୁବାର ଯୁକ୍ତ ଦୁଇ ବିଜ୍ଞାନ, ବାଣିଜ୍ୟ, କଳା ପ୍ରଥମ ବର୍ଷ ଓଡ଼ିଆ ଓ ଇଂଲିଶର ଅର୍ଦ୍ଧବାର୍ଷିକ ପରୀକ୍ଷା ପାଇଁ ଦୁଇଦିନ ପୂର୍ବରୁ ନୋଟିସ ହୋଇଥିଲା। ଗୁରୁବାର ଛାତ୍ରୀମାନେ ପହଞ୍ଚିବା ବେଳେ ପରୀକ୍ଷା ଆୟୋଜନ ନେଇ କର୍ତ୍ତୃପକ୍ଷ କୌଣସି ପ୍ରସ୍ତୁତି କରି ନ ଥିବାରୁ ନିରାଶ ହୋଇ ଫେରିବାକୁ ପଡିଛି। ଫଳରେ ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।
ଏନେଇ ଅଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ରଙ୍କ ସହ ଯୋଗାଯୋଗ କରିବା ବେଳେ ସେ କହିଛନ୍ତି, ବୁଧବାର ରାତିରେ ବିଦ୍ୟୁତ୍‌କାଟ ଯୋଗୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ ହୋଇପାରି ନ ଥିଲା। ଫଳରେ ପରୀକ୍ଷାକୁ ଆସନ୍ତା ୨୩ ତାରିଖକୁ ଘୁଞ୍ଚାଇ ଦିଆଯାଇଥିବା ଅଧ୍ୟକ୍ଷ ସୂଚାଇଛନ୍ତି। ଏଥିସହ ପରୀକ୍ଷା ଆୟୋଜନ ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, ଯୁକ୍ତ ୨ ପ୍ରଥମ ବର୍ଷ ଅର୍ଦ୍ଧବାର୍ଷିକ ପରୀକ୍ଷା କଲେଜ ହାତରେ ଉଚ୍ଚଶିକ୍ଷା ମାଧ୍ୟମିକ ପରିଷଦ ନ୍ୟସ୍ତ କରିଛି। ସେହି ଅନୁସାରେ ଏହାକୁ କ୍ଲାସ ଟେଷ୍ଟ ଭାବେ କରାଯାଉଥିବା ଅଧ୍ୟକ୍ଷ କହିଛନ୍ତି।
ସୂଚନାଯୋଗ୍ୟ, ଛାତ୍ରୀଙ୍କ ଭବିଷ୍ୟତ ଗଠନ କ୍ଷେତ୍ରରେ ଯୁକ୍ତ ୨ ବାଣିଜ୍ୟ, ବିଜ୍ଞାନ, କଳା ପାଠ୍ୟକ୍ରମ ବହୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ଦୁଇବର୍ଷିଆ ପାଠ୍ୟକ୍ରମ ମଧ୍ୟରେ ପ୍ରଥମ ବର୍ଷରେ ଅନୁଷ୍ଠିତ ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷାକୁ କଲେଜ କର୍ତ୍ତୃପକ୍ଷ ଖାମଖିଆଲ ଭାବେ ନେଉଥିବା ଜଣାପଡିଛି। ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ନିର୍ଦ୍ଦେଶକ ଡ. କୁଳମଣି ଓଝାଙ୍କ କହିବାନୁଯାୟୀ, ଯୁକ୍ତ ୨ ପ୍ରଥମ ବର୍ଷ ଅର୍ଦ୍ଧବାର୍ଷିକ, ବାର୍ଷିକ ପରୀକ୍ଷା ଦାୟିତ୍ୱ କଲେଜ ହାତରେ ରହିଛି। ଏହି ପରୀକ୍ଷାକୁ ସେମାନେ ଆୟୋଜନର ନିୟମାବଳୀ ପ୍ରକାରେ କରିବାର ନିୟମ ରହିଛି। କିନ୍ତୁ ଏହାକୁ ଅନେକ କଲେଜ ଖାମଖିଆଲି ଭାବେ ଗ୍ରହଣ କରିବା ସହ ପ୍ରଥମ ବର୍ଷର ପରୀକ୍ଷା ଆୟୋଜନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ପାଇଁ ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷା ମଧ୍ୟ ଏକ ନାମକୁମାତ୍ର ହୋଇ ରହିଯାଇଛି। ତେବେ ଏଥିପ୍ରତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଚାର କରି ପ୍ରଥମ ବର୍ଷର ଉଭୟ ପରୀକ୍ଷା ଆୟୋଜନକୁ ଗୁରୁତ୍ୱ ସହ ଗ୍ରହଣ କଲେ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଶିକ୍ଷାର ମାନ ଆହୁରି ଅଧିକ ସୁଦୃଢ଼ ହୋଇପାରିବ ବୋଲି ବୁଦ୍ଧିଜୀବୀମହଲରେ ମତପ୍ରକାଶ ପାଇଛି।

**ମହାମାୟୀ ମହିଳା କଲେଜ**


OFFICE OF THE PRINCIPAL
MAHAMAYEE MAHILA MAHAVIDYALAYA, BERHAMPUR
No. 249 /MMM/19 Dt. 17.12.19
NOTICE
The Half-Yearly Exam.-2019 for +2 1st year (Arts/Sc./Com.) Compulsory Subject (MIL & English) shall be held on 19.12.19 from 8.45 AM to 9.30AM and 9.45 AM to 10.30 AM. in Room No. 5, 6, 17, 18, 27 and 28. All the classes are suspended on 19.12.19 from 8.45 AM to 9.30AM and 9.45 AM to 10.30 AM.
Hence all the students are informed to appear the said examination without fail.
Sd/-
Principal
Copy to Exam. Section (+2) // HOD (Odia) // HOD (English) for information and necessary action.
Principal
Mahamayee Mahila Mahavidyalaya
BERHAMPUR (GM.)

ମହାମାୟୀ ମହିଳା ମହାବିଦ୍ୟାଳୟରେ ପରୀକ୍ଷା ପାଇଁ ପ୍ରକାଶ ପାଇଥିବା ନୋଟିସ।

■ନିରାଶରେ ଫେରିଲେ ଛାତ୍ରୀ
■କଲେଜ କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି

## ■ବନ୍ଧୁକଧାରୀଙ୍କ ଉନ୍ମତ୍ତକାଣ୍ଡ
# ଅଭିଯୁକ୍ତ ଅଧ୍ୟାପକ କୋର୍ଟଚାଲାଣ



ଗିରଫ ଅଭିଯୁକ୍ତ।






ଜବତ ଖେଳନା ବନ୍ଧୁକ ଓ କାର ।

**ବ୍ରହ୍ମପୁର ଅଫିସ,୧୯।୧୨**

**ନକଲି ବନ୍ଧୁକ, କାର ଜବତ**

ଟାଉନ ଥାନା ଅନ୍ତର୍ଗତ ଧର୍ମନଗର ବଜାଜ ଫାଇନାନ୍ସ କମ୍ପାନୀ ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଜଣେ ଅଧ୍ୟାପକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଥିଲା। ବନ୍ଧୁକ ଧରି ସେଠାରେ ସମସ୍ତଙ୍କୁ ଭୟଭୀତ କରୁଥିଲେ। ଟାଉନ ଥାନା ପୋଲିସ ମାମଲା ନମ୍ବର ୨୫୮/୧୯ରେ ଅଭିଯୁକ୍ତ ଅଧ୍ୟାପକ ଅନୁରୋଧ ପଟ୍ଟନାୟକ (୩୭)ଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କ ନିକଟରୁ ଏକ ଖେଳନା ବନ୍ଧୁକ ଜବତ କରିଛି। ଏପରି କି ଘଟଣା ବେଳେ ବ୍ୟବହୃତ ଏକ କାର (ନଂ ଓଡି ୦୭ଟି ୦୬୧୦)କୁ ଜବତ କରାଯାଇଥିବା ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ନିଜକୁ ଏକ ଇଞ୍ଜିନିୟରିଂ କଲେଜର ଅଧ୍ୟାପକ କହିବା ସହିତ ସେ ଜଣେ ଖବରଦାତା ବୋଲି ମଧ୍ୟ ପରିଚୟ ଦେଇଛନ୍ତି। ପୋଲିସ ଉକ୍ତ ଅଧ୍ୟାପକ ଓ ଖବରଦାତା ପରିଚୟପତ୍ର ମଧ୍ୟ ଜବତ କରିଥିବା କହିଛି। ପୋଲିସ ଗୁରୁବାର ଅଭିଯୁକ୍ତ ଅନୁରୋଧଙ୍କୁ କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ବଡବଜାର ଥାନା ଅନ୍ତର୍ଗତ ହାଉସିଂ ବୋର୍ଡରେ ରହୁଥିବା ପଟ୍ଟନାୟକ ଧର୍ମନଗରରେ ଥିବା ବଜାଜ ଫାଇନାନ୍ସ ସଂସ୍ଥାରୁ ୧୦ ହଜାର ଟଙ୍କା ଋଣ ନେଇଥିଲେ। ସେ କେତେକ କିସ୍ତିରେ ଋଣ ପରିଶୋଧ ମଧ୍ୟ କରିଥିଲେ। ହେଲେ ବଳକା ଟଙ୍କା ଓ ସୁଧ ମିଶି ଅଧିକ ହେଉଥିବାରୁ ସେ ଉକ୍ତ ସଂସ୍ଥାକୁ ଯାଇ ଏହାର ପ୍ରତିବାଦ କରିଥିଲେ। ବୁଧବାର ସନ୍ଧ୍ୟାରେ ଉକ୍ତ ସଂସ୍ଥାରେ ଅନୁରୋଧ ପହଞ୍ଚି ପ୍ରଥମେ ଶାଖା ପ୍ରବନ୍ଧକଙ୍କ ସହ ଝଗଡା କରିଥିଲେ। ପରେ ବାହାରକୁ ଆସି ଶାଖାର ଶଟର ପକାଇ ଦେଇଥିଲେ। ସଂସ୍ଥା ପରିଚାଳକ ଏସ୍.ମୁରଲୀ ଧରଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଅଭିଯୁକ୍ତ ଅଧ୍ୟାପକଙ୍କୁ କାବୁ କରିଥିଲା ଏବଂ ତାଙ୍କ ନିକଟରୁ ବନ୍ଧୁକ ଜବତ କରିଥିଲା।

# ସକାରାତ୍ମକ ଭାବନା ଜାଗ୍ରତ କରିବ 'ଭକ୍ତିର ଶକ୍ତି'



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧୯।୧୨**

ସ୍ଥାନୀୟ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ପ୍ରଫେସର ଡ. ରବି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କୁଳପତି ପ୍ରଫେସର ମନ୍ମଥ ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଲେଖକ ରାଧାଚରଣ ନାୟକ, ବରିଷ୍ଠ କବୟିତ୍ରୀ ସ୍ୱର୍ଣ୍ଣପ୍ରଭା ପାଢୀ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ଅଧିବକ୍ତା ତଥା ଲେଖକ ରାଧାଚରଣ ନାୟକଙ୍କ ରଚିତ ଅଧ୍ୟାତ୍ମିକ ଉକ୍ତି ସଙ୍କଳନ 'ଭକ୍ତିର ଶକ୍ତି' ପୁସ୍ତକ ଲୋକାର୍ପିତ ହୋଇଥିଲା। ପୁସ୍ତକ ସମୀକ୍ଷା କରିଥିଲେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣି ଓଝା। ଲେଖକ ସାମ୍ମୁଖ୍ୟ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ପ୍ରଧାପକ ରମେଶ ଚନ୍ଦ୍ର ତ୍ରିପାଠୀ, ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର. ସରିତା ପାଣିଗ୍ରାହୀ, ଦେବୀ ପ୍ରସାଦ ନାୟକ, ଶୈବାଳିନୀ ନାୟକଙ୍କ ସମେତ ବହୁ କବୟିତ୍ରୀ, କବି, ଲେଖକ, ବୁଦ୍ଧଜୀବୀ ଉପସ୍ଥିତ ଥିଲେ। ଦେବୀ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ତବଲାବାଦକ ରାଧାକାନ୍ତଙ୍କ ସ୍ମୃତିରେ ଭଜନ ସନ୍ଧ୍ୟା

**ବ୍ରହ୍ମପୁର ଅଫିସ,୧୯।୧୨**

ବ୍ରହ୍ମପୁର ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ସଭାପତି ତବଲା ବାଦକ ରାଧାକାନ୍ତ ନନ୍ଦଙ୍କ ସ୍ମୃତିରେ ଏକ ସ୍ୱତନ୍ତ୍ର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା ପରିଷଦରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦ ସାଧାରଣ ସମ୍ପାଦକ କୃଷ୍ଣପ୍ରସାଦ ସିଂ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଂଘ ଉପସଭାପତି ସନ୍ତୋଷ ବେହେରା ସ୍ୱର୍ଗତ ନନ୍ଦଙ୍କ ଜୀବନାଦର୍ଶ, ଓଡିଆ ସଙ୍ଗୀତ ଜଗତରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଭିକାରୀ ବଳ ସ୍ମୃତି ସଂସଦକୁ ଆଗେଇ ନେବାରେ ତାଙ୍କ ଭୂମିକା ଉପରେ ସମ୍ପାଦକ ମିହିର ପାଣିଗ୍ରାହୀ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ସ୍ୱର୍ଗତ ନନ୍ଦଙ୍କ ପୁତ୍ର ପ୍ରଭୁ ପ୍ରସାଦ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତବଲାବାଦକ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଓ ଅନୁଭୂତି ଉପରେ ଆଧାରିତ ଏକ ସ୍ମରଣିକା 'କବି ନିର୍ମାଲ୍ୟ' ଉନ୍ମୋଚିତ ହୋଇଥିଲା। ଏହାପରେ ବ୍ରହ୍ମପୁରର ବରିଷ୍ଠ କଣ୍ଠଶିଳ୍ପୀ ଚନ୍ଦନ ଗନ୍ତାୟତ, ଅର୍ପିତା ଚୌଧୁରୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଶର୍ମିଳା ସାମନ୍ତରା ପ୍ରମୁଖ ସ୍ୱର୍ଗତ ନନ୍ଦ ତବଲାବାଦନ କରିଥିବା ଭଜନ ପରିବେଷଣ କରିଥିଲେ। ପ୍ରଭାତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ପି. ବିଶ୍ୱନାଥଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୯।୧୨**

ଭାରତରେ ନିଜର ବୈଷୟିକ ପ୍ରକଳ୍ପ ପ୍ରଦର୍ଶନ କରି ଋଷିଆର ବିଜ୍ଞାନ ଓ ବୈଷୟିକ ସଂସ୍ଥା ସାଇରଶ୍ ଦ୍ୱାରା ଆୟୋଜିତ ଗଭୀର ବୈଷୟିକ ଜ୍ଞାନ କୌଶଳ କର୍ମଶାଳାରେ ଭାଗନେବାକୁ ମନୋନୀତ ହୋଇଛନ୍ତି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ପି. ବିଶ୍ୱନାଥ ପାତ୍ର। ଏହି ଅବସରରେ ଆର୍ଯ୍ୟଭଟ୍ଟ ଅନୁଷ୍ଠାନ ଓ ଫୋରମ ଫର ଗଞ୍ଜାମ ପକ୍ଷରୁ ବିଶ୍ୱନାଥଙ୍କ ସମେତ ତାଙ୍କ ମାତା ସଂଯୁକ୍ତା ପାତ୍ର ଓ ପିତା ପି. ସତ୍ୟନାରାୟଣ ପାତ୍ରଙ୍କୁ ଫଳ, ଚାରା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି।
ସୂଚନାଯୋଗ୍ୟ, କେନ୍ଦ୍ରୀୟ ବିଦ୍ୟାଳୟରେ ଅଧ୍ୟୟନରତ ପି. ବିଶ୍ୱନାଥ ଜାତୀୟସ୍ତରରେ ଅନୁଷ୍ଠିତ ଏକ ପ୍ରକଳ୍ପ ପ୍ରଦର୍ଶନୀରେ ଜଳ ଅପଚୟକୁ ରୋକିବା ଉପରିସ୍ଥ ସ୍ମାର୍ଟ ୱାଟର ଡିସ୍‌ପେନ୍ସର ନାମକ ପ୍ରକଳ୍ପ ଉପସ୍ଥାପନ କରି ଦେଶର ୨୫ ଛାତ୍ରଙ୍କ ମଧ୍ୟରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ଋଷିଆ ଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରକଳ୍ପ ପ୍ରଦର୍ଶନୀରେ ଭାରତର ଏକମାତ୍ର ଛାତ୍ର ଭାବେ ବିଶ୍ୱନାଥ ଭାଗ ନେଇ ପ୍ଲୁଟୋନିୟମ୍ ଭିତ୍ତିକ ନୀରବଚ୍ଛିନ୍ନ ଶକ୍ତି ଉତ୍ସ ଉପରେ ପ୍ରକଳ୍ପ ପ୍ରଦର୍ଶନ କରି ପୁନର୍ବାର ନିଜର ଶ୍ରେଷ୍ଠତ୍ୱ ପ୍ରମାଣିତ କରିଥିଲେ। ବିଶ୍ୱନାଥଙ୍କ ଏହି ପ୍ରକଳ୍ପକୁ ଋଷିଆ ରାଷ୍ଟ୍ରପତି ପ୍ରଶଂସା କରିବା ସହ ଭବିଷ୍ୟତରେ ଋଷ-ଭାରତ ପରମାଣୁ ଶକ୍ତି ଉପଯୋଗ ସହଭାଗୀତାରେ ଏହି ପ୍ରକଳ୍ପ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ନେଇ ଆଶା ବ୍ୟକ୍ତ କରିଥିଲେ। ଏହାପରେ ଓଡିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ବିଶ୍ୱନାଥ ଋଷିଆର ବିଜ୍ଞାନ ଓ ବୈଷୟିକ ସଂସ୍ଥା ସାଇରଶ୍ ଦ୍ୱାରା ଆୟୋଜିତ ଗଭୀର ବୈଷୟିକ ଜ୍ଞାନ କୌଶଳ କର୍ମଶାଳାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଫୋରମ ଫର ଗଞ୍ଜାମ ଆବାହକ ତେଜେଶ୍ୱର ରାଓ, ସଂଯୋଜକ ସୁଧୀର ରାଉତ ଏବଂ ସକ୍ରିୟ ସଦସ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, ସ୍ୱରାଜ୍ୟ ସୁବୁଦ୍ଧି, ମାନସ ପାତ୍ର, ଦ୍ୟୁମନାଥ ପଣ୍ଡା ଓ ସୁଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବର୍ଦ୍ଧିତ ବିଶ୍ୱନାଥଙ୍କ ସମେତ ଅନୁଷ୍ଠାନ କର୍ମକର୍ତ୍ତା ।

# ଏନ୍ଆରସି, ସିଏଏ ପ୍ରତ୍ୟାହାର ଦାବିରେ ଗଣବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୯।୧୨**

କେନ୍ଦ୍ର ମୋଦି ସରକାରଙ୍କ ସିଏଏ (ନାଗରିକ ସଂଶୋଧନ ଆଇନ) ଓ ଏନ୍ଆରସି (ଜାତୀୟ ନାଗରିକ ପଞ୍ଜିକା) ସଂଶୋଧନ ଆଇନକୁ ବିରୋଧ କରି ବ୍ରହ୍ମପୁରର ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଅନୁଷ୍ଠାନ ପକ୍ଷରୁ ଖଲ୍ଲିକୋଟ ମହାବିଦ୍ୟାଳୟ ଆଗରେ ଗଣବିକ୍ଷୋଭ ପ୍ରଦର୍ଶନ, ପ୍ରତିବାଦ ସଭା ଗୁରୁବାର କରାଯାଇଥିଲା। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯିବାକୁ ଦାବି ହୋଇଥିଲା। କାର୍ଯ୍ୟକ୍ରମରେ ମହାନଗରର ଅନେକ ବୁଦ୍ଧିଜୀବୀ ଓ ଗଣତନ୍ତ୍ରପ୍ରେମୀ ସାମିଲ ହୋଇଥିଲେ । ଭାଲଚନ୍ଦ୍ର ଷଡ଼ଙ୍ଗୀ ଏହାର ନେତୃତ୍ୱ ନେଇଥିଲେ । ହେତୁବାଦୀ ସଂଗଠନର ରାଜା ସୁରେଶ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା, ସିପିଆଇ (ଏମ୍‌ଏଲ) ରେଡଷ୍ଟାର ନେତା ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୫ ଦଫା ସମ୍ବଳିତ ଦାବି ଉପରେ ନେତାମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିକ୍ଷୋଭ ସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଅପରପକ୍ଷରେ ସିପିଆଇ, ସିପିଏମ୍, ସିପିଆଇ ଏମ୍ଏଲ ଲିବରେଶନ ଓ ଫରୱାଡ୍ ବ୍ଲକ ପକ୍ଷରୁ ଉପରୋକ୍ତ ଦାବି ନେଇ ବାମପନ୍ଥୀ ନେତାମାନେ ପୁରୁଣା ବସ୍‌ଷ୍ଟାଣ୍ଡରେ ଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ନୃତ୍ୟଶିଳ୍ପୀ ସୋନାଲୀ, ଅଙ୍କିତାଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୯।୧୨**

ନୁପୁର ଓ ମ୍ୟୁଜିକ ସର୍କଲ ମିଳିତ ଆନୁକୂଲ୍ୟରେ ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକଟରେ ଓଡିଶୀ ନୃତ୍ୟରେ ରାଜ୍ୟପାଳ ଟ୍ରଫି ବିଜେତା ନୃତ୍ୟ ଶିଳ୍ପୀ ସୋନାଲୀ ସାବତ ଓ ଅଙ୍କିତା ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଭୟେ ରାଜ୍ୟସ୍ତରରେ ଅନୁଷ୍ଠିତ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗୀତାରେ ଭାଗନେଇ ରାଜ୍ୟପାଳ ଟ୍ରଫି ହାସଲ କରିବା ସହ ଓଡିଶୀ ନୃତ୍ୟ ସ୍କଲାରସିପ୍ ପାଇଥିବାରୁ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଉପେନ୍ଦ୍ର ପାଣିଗ୍ରାହୀ, କେଦାର ଆପ୍ତା, ରାଜକିଶୋର ପାଢୀ ଓ ସୀମାଞ୍ଚଳ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନୁପୁର ଅନୁଷ୍ଠାନ ନିର୍ଦ୍ଦେଶକ ସତ୍ୟ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅଙ୍କିତା, ସୋନାଲୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଠିକଣା ସମୟରେ ହେବ ସମବାୟ ନିର୍ବାଚନ

**ବ୍ରହ୍ମପୁର ଅଫିସ,୧୯।୧୨**

ଠିକଣା ସମୟରେ ହେବ ରାଜ୍ୟରେ ସମବାୟ ନିର୍ବାଚନ। ବ୍ରହ୍ମପୁରରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ସୂଚନା ଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଏବଂ ସବୁଜ ସଂକେତ ମିଳିବା ପରେ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।
ସୂଚନାଯୋଗ୍ୟ, ୨୦୧୫ରେ ହୋଇଥିବା ସମବାୟ ନିର୍ବାଚନ କାର୍ଯ୍ୟକାଳ ନିକଟରେ ପୂରିବାକୁ ଯାଉଛି। ଗୁରୁବାର ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ବ୍ରହ୍ମପୁର, ଆସିକା ଓ କୋରାପୁଟ ସମବାୟ କେନ୍ଦ୍ର ବ୍ୟାଙ୍କ କାର୍ଯ୍ୟାବଳୀ ନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ଅବସରରେ ସମବାୟ ନିର୍ବାଚନ ସମ୍ପର୍କରେ ଧରିତ୍ରୀ ସହ ଆଲୋଚନା ପ୍ରସଙ୍ଗରେ ରଣେନ୍ଦ୍ର ଏହା କହିଥିଲେ ।
ବୈଠକ ଶେଷରେ ମନ୍ତ୍ରୀ ଆହୁରି ସୂଚାଇଥିଲେ, ନୋଟବନ୍ଦୀ ଓ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ରାଜ୍ୟ ସମବାୟ କ୍ଷେତ୍ରକୁ ବିଶେଷ ପ୍ରଭାବିତ କରିଛି। ଜିଏସ୍‌ଟି ଯୋଗୁ ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ସମେତ ବ୍ୟାଙ୍କଗୁଡ଼ିକର କାରବାରରେ ସମସ୍ୟା ଦେଖାଦେଇଛି। ଏହାର ମୁକାବିଲା ନିମନ୍ତେ ନୂଆ ରଣନୀତି ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦଗୁଡ଼ିକ ଚ୍ୟାଲେଞ୍ଜ ଭାବେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଉପସଭାନେତ୍ରୀ ସିଏଚ୍ ତାରକେଶ୍ୱରୀ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଇନ୍ଦିରା ନନ୍ଦ, କେନ୍ଦୁଝର ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି କାନନ ବିହାରୀ ପହି ମଞ୍ଚାସୀନ ଥିଲେ।
ବ୍ରହ୍ମପୁର, କୋରାପୁଟ ଓ ରାୟଗଡ଼ାର ସମବାୟ ଡେପୁଟି ରେଜିଷ୍ଟ୍ରାର, ଉପରୋକ୍ତ ବ୍ୟାଙ୍କ ଅଞ୍ଚଳର ସମସ୍ତ ସହକାରୀ ରେଜିଷ୍ଟ୍ରାରଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପକ୍ଷରୁ ଉପସ୍ଥାପିତ ରିପୋର୍ଟରେ ଅନେକ ବିଭ୍ରାଟ ଥିବାରୁ ମନ୍ତ୍ରୀ ବିରକ୍ତି ପ୍ରକାଶ କରିଥିଲେ । ବିସିସି ବ୍ୟାଙ୍କ ସିଇଓ ତଥା ସମ୍ପାଦକ ଭି. ତାରକା ନାଧମଙ୍କ ସମେତ ଆସିକା ଓ କୋରାପୁଟ ବ୍ୟାଙ୍କ ସିଇଓ ଉପସ୍ଥିତ ଥିଲେ। ଉପରୋକ୍ତ ୩ ବ୍ୟାଙ୍କ ପରିଚାଳନା ବୋର୍ଡ ମୁଖ୍ୟ କର୍ମକର୍ତ୍ତା ଏବଂ ସିଇଓମାନଙ୍କୁ ଲକ୍ଷ୍ୟକରି ମନ୍ତ୍ରୀ କହିଥିଲେ, ମାନ୍ଦାବସ୍ଥା ଯୋଗୁ ଉପୁଜିଥିବା ସମସ୍ୟାରୁ ମୁକ୍ତି ନିମନ୍ତେ ଦୃଢ଼ ପଦକ୍ଷେପ ନେବା, ସମବାୟ ସୋସାଇଟି ଓ ବ୍ୟାଙ୍କଗୁଡ଼ିକର କାରବାରକୁ ବ୍ୟାପକ କରାଯିବା ସହ ଶକ୍ତିଶାଳୀ କରିବା ଜରୁରୀ ହୋଇପଡ଼ିଛି। ତେଣୁ ସମସ୍ତେ ଟିମ୍ ୱାର୍କ ଭାବେ କାର୍ଯ୍ୟ କରିବା ଉପରେ ରଣେନ୍ଦ୍ର ଗୁରୁତ୍ୱ ଦେଇଥିଲେ।
ସମବାୟ ସଂସ୍ଥାରେ ସରକାରଙ୍କ ନୂଆ କାର୍ଯ୍ୟକ୍ରମ ୫-ଟି କଡ଼ାକଡ଼ି ଭାବେ ଲାଗୁ କରାଯିବ। ସେହିପରି ମୋ ସରକାରରେ ଚାଷୀଙ୍କୁ କୃଷି ଋଣ ଲଗାଣରେ ଆଦୌ ଅବହେଳା ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ । ବିସିସି ବ୍ୟାଙ୍କ ପକ୍ଷରୁ ୫-ଟିକୁ ଆଧାର କରି ହୋଇଥିବା ନୂଆ ବର୍ଷ ୨୦୨୦ କ୍ୟାଲେଣ୍ଡର ରଣେନ୍ଦ୍ର ଲୋକାର୍ପିତ କରିଥିଲେ। ବୈଠକରେ ବିସିସିବି ପରିଚାଳନା ବୋର୍ଡ ଡାଇରେକ୍ଟର ସନ୍ତୋଷ ପାତ୍ର, କୈଳାସ ରଣା, ବସନ୍ତ କୁମାର ପଟ୍ଟନାୟକ, ଗାୟତ୍ରୀ ଦଳାଇ, ସଞ୍ଜୟ ସେଠୀ, ଏ.ଖଲି ରେଡ୍ଡୀ, ହେମନ୍ତ ଶିଶିର ପ୍ରଧାନ, ବି. ତ୍ରିନାଥ, ଆର. ରାମପ୍ରସାଦ, ଆପନା ସେଠୀ, ତମାଳ ନାହାକ, ଆର. ସରସ୍ୱତୀ, ବି. ଧନଞ୍ଜୟଲୁ ପ୍ରମୁଖ ଉପସ୍ଥିତ ଥିଲେ।

**ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ରଙ୍କ ସୂଚନା**



ବୈଠକରେ ମଞ୍ଚାସୀନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବ୍ୟାଙ୍କ ସଭାପତି ।

■ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ପ୍ରକ୍ରିୟା ଆରମ୍ଭ
■ବିସିସି ବ୍ୟାଙ୍କ ୫-ଟି କ୍ୟାଲେଣ୍ଡର ଲୋକାର୍ପିତ

**ସଂକ୍ଷେପରେ**

## ୨୨ରେ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଜୟନ୍ତୀ ଉତ୍ସବ

**ବ୍ରହ୍ମପୁର ଅଫିସ,୧୯।୧୨:** ଓଡିଶାର ବିଶିଷ୍ଟ ନାଟ୍ୟକାର ତଥା ଚଳଚ୍ଚିତ୍ର ପ୍ରଯୋଜକ ସ୍ୱର୍ଗତ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ୯୨ତମ ଜୟନ୍ତୀ ଉତ୍ସବ ଆସନ୍ତା ୨୨ରେ ଅନୁଷ୍ଠିତ ହେବ। ଗରିମାର୍କେଟସ୍ଥିତ ପ୍ରକାଶମ ହଲରେ ନାଟ୍ୟଶ୍ରୀ ଫାଉଣ୍ଡେଶନ ପକ୍ଷରୁ ସ୍ୱର୍ଗତ ରଘୁନାଥ ମିଶ୍ରଙ୍କ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେବ। ଗୁରୁବାର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନାଟ୍ୟଶ୍ରୀଙ୍କ ଜୀବନୀ ଉପରେ ଆଧାରିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଓ ଓଡିଶୀ ନୃତ୍ୟାୟନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ। ଏହି ପରିପ୍ରେକ୍ଷରେ ଜୀବନରେଖା ନାଟ୍ୟ ସଂସ୍ଥା ଭୁବନେଶ୍ୱର ଦ୍ୱାରା ଏକକ ନାଟକ ତଥା ଜଣେ ମାତ୍ର କଳାକାରଙ୍କ ଦ୍ୱାରା ପରିବେଶିତ ନାଟକ 'ତା ମା'ର କାହାଣୀ' ମଞ୍ଚସ୍ଥ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଫାଉଣ୍ଡେଶନ ସଭାପତି ଭବାନୀ ଶଙ୍କର ମିଶ୍ର ସୂଚାଇଥିଲେ।

## ମନ୍ତ୍ରୀ ରଣେନ୍ଦ୍ର ପ୍ରତାପଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୯।୧୨:** ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିଥିବା ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ରେଳଷ୍ଟେଶନସ୍ଥିତ ସ୍ପେଶାଲ ସର୍କିଟ ହାଉସଠାରେ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର କେନ୍ଦ୍ର ସମବାୟ ସଭାପତି ଅଲେଖ ଚୌଧୁରୀ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାନେତ୍ରୀ ମୀନାକ୍ଷୀ ନନ୍ଦ, ବରିଷ୍ଠ ସମବାୟବିତ ସୁଧୀର କୁମାର ରାଉତ, ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ସଭାପତି ସୂର୍ଯ୍ୟକାନ୍ତ ପରିଡା, ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ସୁରେଶ ଚନ୍ଦ୍ର ସାହୁ, ବ୍ରହ୍ମପୁର ପାଇକାରୀ ସମବାୟ ଭଣ୍ଡାର ନିର୍ଦ୍ଦେଶକ ରାଜୀବ ପାତ୍ର, ରାଜ୍ୟ ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକ ସଂଘ ସଭାପତି ସୀତାରାମ ପ୍ରଧାନଙ୍କ ସମେତ ସମବାୟ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତାଲା ଭାଙ୍ଗି ଚୋରି

**ଆସିକା, ୧୯।୧୨ (ଡି.ଏନ୍.ଏ.):** ଆସିକା ଏନ୍ଏସିର ବିନାୟକ ବଜାରରୁ ବୁଧବାର ବିଳମ୍ବିତ ରାତିରେ ଏକ ମୋବାଇଲ ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତ ତାଲା ଭାଙ୍ଗି ୧୦ନୂଆ ଓ ମରାମତି ପାଇଁ ଥିବା ୨ଟି ଏପରି ସମୁଦାୟ ୧୨ଟି ମୋବାଇଲ ଫୋନ ଲୁଟି ନେଇଛନ୍ତି। ଦୋକାନ ମାଲିକ ରବୀନ୍ଦ୍ର ଭୂୟାଁ ଗୁରୁବାର ଆସିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୯୩/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ■ ଚିକିଟି ବ୍ଲକ୍‌ରେ ଧାନର ଅଭାବୀ ବିକ୍ରି

# ଫାଇଦାରେ ଆନ୍ଧ୍ରବେପାରୀ, ଚାଷୀ ହତାଶ

**ଚିକିଟି,୧୯।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକ୍‌ରେ ୧୭ଗୋଟି ପଞ୍ଚାୟତର ଚାଷୀ ଧାନ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚଳିତ ମାସରେ ଧାନ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନି। ମାତ୍ର ଚାଷୀମାନେ ଅମଳ ସାରିଲେଣି। ରଖିବାକୁ ସ୍ଥାନର ଅଭାବ, ଠିକ୍‌ସମୟରେ ବ୍ୟାଙ୍କଋଣ ପୈଠ ପାଇଁ କମ୍‌ଦରରେ ଦଲାଲଙ୍କ ଜରିଆରେ ଆନ୍ଧ୍ରବେପାରୀଙ୍କୁ ଧାନ ବିକ୍ରି କରୁଛନ୍ତି। ସରକାରୀ ଦର କୁଇଣ୍ଟାଲ ପିଛା ୧୮୧୫ଟଙ୍କା ଥିବାବେଳେ ୧୦୫୦ରୁ ୧୧୦୦ଟଙ୍କାରେ ଖଳାରେ ଧାନ ବିକି ଦେଉଛନ୍ତି। ଆନ୍ଧ୍ର ବେପାରୀମାନେ ଦଲାଲଙ୍କ ଜରିଆରେ ଉକ୍ତ ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ଯାଇ ଧାନ କିଣି ଆନ୍ଧ୍ର ପଞ୍ଜିକୃତ ନମ୍ବର ଟ୍ରକ୍, ଟ୍ରାକ୍ଟର ଓ ପିକଅପ୍ ଗାଡିରେ ଧାନ ବୋଝେଇ କରି ଚିକିଟି ସମେତ ଡଭାର, ନୂଆପଡା, ଚାନ୍ଦପୁର ଏବଂ ଏହାର ଆଖପାଖ ଗ୍ରାମାଞ୍ଚଳରୁ ଚାଲାଣ ଚାଲିଛି। କିନ୍ତୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଚୁପ୍ ବସିଛି। ଅନ୍ୟପକ୍ଷରେ ମିଲର ଓ ଯୋଗାଣ ବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ଦେଖାଦେଉଥିବା ଅଭାବୀ ବିକ୍ରି ରୋକିବାକୁ ପ୍ରଶାସନ ପକ୍ଷରୁ କୌଣସି ଆଗୁଆ ପଦକ୍ଷେପ ନିଆଯାଉନାହିଁ।

ଏନେଇ ବ୍ଲକ୍ କୃଷି ଅଧିକାରୀ ଗୋକୁଳ ବେହେରାଙ୍କୁ ଯୋଗାଯୋଗ କରିବାରୁ, ମିଲରମାନଙ୍କ ସହିତ ଚୁକ୍ତିନାମା ଚାଲିଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଧୀରେଧୀରେ ମଣ୍ଡି ଖୋଲାଯିବ ବୋଲି କହିଥିଲେ।



ଟ୍ରାକ୍ଟର ଯୋଗେ ଧାନ ଚାଲାଣ ହେଉଛି।

### ■ ୨୧ରୁ ଓପନ୍ ନ୍ୟାଶନାଲ ଟାଏକୋଣ୍ଡୋ ଚାମ୍ପିୟନଶିପ୍

# ଗଞ୍ଜାମରୁ ଭାଗନେବେ ୯ ପ୍ରତିଯୋଗୀ



ମନୋନୀତ ପ୍ରତିଯୋଗୀଙ୍କ ସହ ସଂଘର କର୍ମକର୍ତ୍ତା।

**ଛତ୍ରପୁର,୧୯।୧୨(ଡି.ଏନ.ଏ.)**

ଚଳିତମାସ ୨୧ ରୁ ୨୪ ତାରିଖ ପର୍ଯ୍ୟନ୍ତ କୋଲକାତାର ଗିରୀଶ ପାର୍କ ନିକଟରେ ଓପନ ନ୍ୟାଶନାଲ ଟାଏକୋଣ୍ଡୋ ଚାମ୍ପିୟନଶିପ୍ ଆୟୋଜନ ହେବ। ଏଥିରେ ଗଞ୍ଜାମ ଜିଲାର ୯ ଖେଳାଳି ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ସେଥିମଧ୍ୟରେ ପୀୟୁଷ ପ୍ରସାଦ ଷଡଙ୍ଗୀ, ପ୍ରେମ ପ୍ରସାଦ ପଲେଇ, ଅମ୍ରିତ ପ୍ରସାଦ ଗୌଡ, ପି ଅଭିମନ୍ୟୁ ରେଡ୍ଡୀ, ବିକାଶ ଗୌଡ, ପାପୁନା ନାୟକ, ଇନ୍ଦୁ ସ୍ୱୟଂମ୍ ପ୍ରଭା ଓ ରୁନସି ବେହେରା ଅଛନ୍ତି। ଏଥିସହ କୋଚ୍ ଇ. ଲଳିତ କୁମାର ଓ ରେଫରୀ ଭାବେ ବାସୁ ନାୟକ ଯୋଗଦେବେ। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି, ସମ୍ପାଦକ କେ. ମନୋଜ ପ୍ରଧାନ, ଡା. ଅନିତା ମିଶ୍ର, ସିଏଚ୍ ପ୍ରସାଦ ନାୟକ, ଜନୋଜ କୁମାର ମହାରଣା ଓ ଅମ୍ବିକା ପ୍ରସାଦ ଦାସ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏମାନେ ୨୦ ତାରିଖରେ ଏଠାରୁ କୋଲକତା ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି।

## ହୋଲଡିଂ ଟିକସ ଆଦାୟ ଲକ୍ଷ୍ୟ ପୂରଣ କର

**ଛତ୍ରପୁର,୧୯।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ର ଏକ ସମୀକ୍ଷା ବୈଠକ ଗୁରୁବାର ଛତ୍ରପୁରସ୍ଥିତ ଜିଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁଡା ପିଡି ସୁଦାମ ଚରଣ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ଜିଲାର ୧୭ ସହାରାଞ୍ଚଳରେ ହୋଲଡିଂ ଟିକସ ଆଦାୟ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଦିଗପହଣ୍ଡି, ବୁଗୁଡା ଓ କବିସୂର୍ଯ୍ୟନଗର ଏନ୍ଏସିରେ ହୋଲଡିଂ ଟିକସ ଆଦାୟ ୫୦ ପ୍ରତିଶତରୁ ଅଧିକ ରହିଛି। ହୋଲଡିଂ ଟିକସ, ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଏନ୍ଏସି ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୯।୧୨**

ଟାଉନ ଥାନା ଅନ୍ତର୍ଗତ ବିଜିପୁର ବଡ ସାହିରେ ରହୁଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ମନୋଜ ଦାସଙ୍କ ସ୍ତ୍ରୀ ପିଙ୍କି ଓରଫ ମାମା ଦାସ (୨୦)। ପୋଲିସ ମୃତଦେହ ଜବତ କରି ନଂ.୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପିଙ୍କିଙ୍କ ମୃତଦେହ ପଞ୍ଚନାମା କରାଯିବ ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ମହିଳାଙ୍କ ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ, ମନୋଜ ଗତ ୨ ବର୍ଷ ତଳେ ପିଙ୍କିଙ୍କୁ ବିବାହ କରିଥିଲେ। ଗୁରୁବାର ସେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଫାଇନାଲକୁ ଗଲା ମୋହନା ସେଣ୍ଟ ପିଟର ଦଳ

**ଆସିକା, ୧୯।୧୨ (ଡି.ଏନ୍.ଏ.)**

ଆସିକା ଟାଉନ ହଲରେ ଗତ ଗୁରୁବାରରୁ ଚାଲିଥିବା ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସରେ ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ ମୋହନା ସେଣ୍ଟପିଟର୍ସ ଦଳ ଓ ବ୍ରହ୍ମପୁର ହରିଡାଖଣ୍ଡି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମୋହନା ସେଣ୍ଟ ସେଣ୍ଟପିଟର୍ସ ଦଳ ୩–୧ ସେଟରେ ବ୍ରହ୍ମପୁର ହରିଡାଖଣ୍ଡି ଦଳକୁ ପରାଜିତ କରି ଫାଇନାଲରେ ପହଞ୍ଚିଛି। ମୋହନା ଦଳର ତବୁନ ନାୟକ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଓକିଲ ସଂଘ ସଭାପତି ସରୋଜ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତବୁନଙ୍କୁ ସମ୍ମାନିତ କରିଥିଲେ। ଖେଳ ପରିଚାଳନା କରିଥିଲେ ସ୍ୱଦେଶ ଦଳେଇ। ସେପ୍ଟେମ୍ବରରେ ଚତୁର୍ଥ ବିଜୁ ପଟ୍ଟନାୟକ ପର୍ବତାରୋହଣ କାର୍ଯ୍ୟକ୍ରମରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ପର୍ବତାରୋହୀଙ୍କୁ ସମ୍ମାନିତ କରାଯାଇଥିଲା। ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ପର୍ବତାରୋହୀଙ୍କ ମଧ୍ୟରେ ଆସିକା କାଳଷଣ୍ଢପୁରର ରଚନା ନାୟକଙ୍କ ସମେତ ପ୍ରୀତି ପୋଦ୍ଦ, ମାମାଲି ପ୍ରଧାନ, ରିଙ୍କି ସାହୁ, ସତ୍ୟବ୍ରତ ଦାସ, ଏ. ବାଲକ୍ରିଷ୍ଣା ରେଡ୍ଡୀ, ଶୁଭ୍ରାଂଶୁ ଶେଖର ସାହୁ, ରୁଦ୍ରନାରାୟଣ ଲେଙ୍କା, ଦୁଃଖିବନ୍ଧୁ ମାଝି ଓ ଅଭିଷେକ ବେହେରା ପ୍ରମୁଖ ଅଛନ୍ତି। ଏହି ଆରୋହୀମାନେ ସେପ୍ଟେମ୍ବର ୯ରୁ ୨୯ ତାରିଖ ଯାଏ ହିମାଳୟର ମାଉଣ୍ଟ ଏଭରେଷ୍ଟ ପର୍ବତାରୋହଣ କାର୍ଯ୍ୟକ୍ରମରେ ୬ହଜାର ୧୫୩ ମିଟର ପର୍ବତାରୋହଣ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ।



ଭଲିବଲ୍ ଟୁର୍ଣ୍ଣାମେଣ୍ଟରେ ସମ୍ବର୍ଦ୍ଧିତ ପର୍ବତାରୋହୀ।

### ପୁରୁଷ ବନ୍ଧ୍ୟାକରଣରେ ପ୍ରଥମ

# ଛତ୍ରପୁର ବ୍ଲକ, ଆଶାକର୍ମୀ ପୁରସ୍କୃତ

**ଛତ୍ରପୁର,୧୯।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଷ ବନ୍ଧ୍ୟାକରଣ (ଏନ୍ଏସ୍‌ଭି) କାର୍ଯ୍ୟକ୍ରମର ସଫଳତା ନେଇ ଗୁରୁତ୍ୱାରୋପ କରାଯାଇ ଆସୁଛି। ବିଭିନ୍ନ ସମୟରେ ଏନେଇ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ପୁରୁଷ ବନ୍ଧ୍ୟାକରଣ ସଫଳତା ହୋଇପାରୁ ନ ଥିଲା। ମାତ୍ର ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ କ୍ରମେ ଗଞ୍ଜାମ ଜିଲା ଏଥିରେ ସଫଳତା ପାଇଛି। ଅପରପକ୍ଷରେ ଛତ୍ରପୁର ବ୍ଲକ ଜିଲାରେ ପ୍ରଥମ ସ୍ଥାନରେ ରହିଛି। ନଭେମ୍ବର ୨୧ରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଗଞ୍ଜାମ ଜିଲାରେ ୯୬ ପୁରୁଷ ବନ୍ଧ୍ୟାକରଣ କରାଯାଇଛି। ସେଥିମଧ୍ୟରେ ଛତ୍ରପୁର ବ୍ଲକରେ ୨୭ ପୁରୁଷ ବନ୍ଧ୍ୟାକରଣ ହୋଇଛି। ଏପରିକି ୧୧ ବ୍ଲକରେ ପୁରୁଷ ବନ୍ଧ୍ୟାକରଣ ହୋଇନି। ବୁଧବାର ବ୍ରହ୍ମପୁରସ୍ଥିତ ପ୍ରଜ୍ଞାନ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଟିମ୍ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଏଥିସହ ପୁରୁଷ ମାନଙ୍କୁ ଏ ସମ୍ପର୍କରେ ବୁଝାଇ ୯ ଜଣଙ୍କ ବନ୍ଧ୍ୟାକରଣ କରାଇପାରିଥିବା ନେଇ ପାଟପୁର ଗାଁର ଆଶାକର୍ମୀ ମିନତୀ ରାଣୀ ଷଡଙ୍ଗୀ ମଧ୍ୟ ଗଞ୍ଜାମ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି।



ଛତ୍ରପୁର ବ୍ଲକ ଟିମ୍ ପୁରସ୍କୃତ ହେଉଛି।

### ■ ସ୍ତ୍ରୀଙ୍କୁ ନିର୍ଯାତନା, ହତ୍ୟା ଉଦ୍ୟମ ମାମଲା

# ଅବସରପ୍ରାପ୍ତ ଏଏସ୍‌ପି ସ୍ୱାମୀ ଗିରଫ

**ବ୍ରହ୍ମପୁର ଅଫିସ,୧୯।୧୨**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଫେରାର ଥିବା ଅବସରପ୍ରାପ୍ତ ଅତିରିକ୍ତ ଏସ୍‌ପିଙ୍କୁ ଗୋଷାଣୀନୂଆଗାଁ ପୋଲିସ ଢେଙ୍କାନାଳରୁ ବୁଧବାର ରାତିରେ ଗିରଫ କରିଛି। ଅଭିଯୁକ୍ତ ଜଣକ ଛତ୍ରପୁର ମୂଳନିବାସୀ କେ. ଭେଙ୍କେଟେଶ୍ୱର ରାଓ (୬୮)। ଅଭିଯୁକ୍ତ ଏଏସ୍‌ପିଙ୍କ ପାନ୍‌କାର୍ଡ ଟ୍ରାକିଂ କରି ତାଙ୍କୁ ଢେଙ୍କାନାଳରୁ ଗିରଫ କରାଯାଇଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ମାମଲା ନଂ. ୬୦/୧୭ରେ ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ବି.ଇନ୍ଦୁମତୀଙ୍କୁ କିଛିବର୍ଷ ତଳେ କେ.ଭେଙ୍କେଟେଶ୍ୱର ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଥିଲେ। ଇନ୍ଦୁମତୀ ସ୍ଥାନୀୟ ବ୍ରହ୍ମପୁର କନ୍‌ଭେଣ୍ଟ ସ୍କୁଲରେ ଶିକ୍ଷୟିତ୍ରୀ ଥିବା ବେଳେ ସେ ବ୍ରହ୍ମପୁର ଷ୍ଟେଶନ ରୋଡରେ ଘର ଭଡ଼ା ନେଇ ପିଲାମାନଙ୍କୁ ଧରି ରହୁଥିଲେ। ପୁଅ ଇଣ୍ଡିଆନ ନ୍ୟାଭିରେ ଚାକିରି ପାଇବା ପରେ ଝିଅର କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ପରେ ଇନ୍ଦୁମତୀ କ୍ୟାନସରରେ ଆକ୍ରାନ୍ତ ହୋଇଥିଲେ। ଭେଙ୍କେଟେଶ୍ୱର ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ୨୦୧୭ ଜୁଲାଇ ୨୮ ରେ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ସେ ଫେରାର ହୋଇଯାଇଥିଲେ। ମହିଳା ଜଣକ ଶେଷରେ ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ । ଜୀବନ ପ୍ରତି ବିପଦ ଥିବା ଭାବି ପରେ ଇନ୍ଦୁମତୀ ତାଙ୍କ ବାପଘର ବିଶାଖାପାଟଣା ଚାଲି ଯାଇଥିଲେ। ଭେଙ୍କେଟେଶ୍ୱରଙ୍କୁ ଗିରଫ ପରେ ଜେରା ବେଳେ ଜଣାପଡ଼ିଥିଲା, ୧୯୯୪ରେ ସ୍ତ୍ରୀ ଇନ୍ଦୁମତୀଙ୍କୁ ସେ ନିର୍ଯାତନା ଦେବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ଜଣେ ପୋଲିସ ଅଧିକାରୀ ହୋଇ ମଧ୍ୟ ଦୁଇ ଦୁଇଥର ସ୍ତ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଥିବା ନେଇ ପୃଥକ ଥାନାରେ ଅଭିଯୋଗ ହୋଇଥିଲା।

# ଥଇଥାନ ଅନୁରୋଧ କଲେ ଭୂମିହୀନ, ବାସହୀନ ପରିବାର

**ଛତ୍ରପୁର,୧୯।୧୨(ଡି.ଏନ.ଏ.)**

ରମ୍ଭାରେ ଥିବା ବାସହୀନ ଓ ଭୂମିହୀନ ପରିବାରଙ୍କୁ ଥଇଥାନ କରିବା ପାଇଁ ଦାବି ହୋଇଛ। ଦୀର୍ଘ ଦିନ ହେଲା ସରକାରୀ ଜାଗାରେ ଏମାନେ ରହି ଆସୁଥିଲେ। ମାତ୍ର ଏମାନଙ୍କୁ ଏଠାରୁ ଉଚ୍ଛେଦ କରାଯାଇଛି। ଏଣୁ ଏମାନେ ଏଠିସେଠି ଭଡାରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ୪୦ ପରିବାର ରହିଆସୁଥିଲେ। ଏମାନେ ଥଇଥାନ ପାଇଁ ଅନୁରୋଧ କରିଛନ୍ତି। ଉକ୍ତ ପରିବାରର ମୁଖିଆମାନେ ସାଧାରଣତଃ ଗରିବ ଓ ଶ୍ରମିକ ଶ୍ରେଣୀର। ଏମାନଙ୍କଠାରେ ଅର୍ଥାଭାବ ଯୋଗୁ ଜାଗା କିଣି ଘର ନିର୍ମାଣ କରିବା ସମ୍ଭବପର ନୁହେଁ। ବୁଧବାର ଦଳିତ ନେତା ଭୀମସେନ ବେହେରାଙ୍କ ନେତୃତ୍ୱରେ ଉକ୍ତ ପରିବାରର ସଦସ୍ୟମାନେ ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଭୂମିହୀନ ଓ ବାସହୀନ ପରିବାରଙ୍କୁ ସରକାରଙ୍କ ଯୋଜନା ଅନୁସାରେ ଭୂମି ସହ ବାସଗୃହ ନିର୍ମାଣ ପାଇଁ ଅନୁଦାନ ଦେଉଛନ୍ତି। ଏଣୁ ଏମାନଙ୍କୁ ଜାଗା ଦେଇ ଘର ନିର୍ମାଣ ପାଇଁ ଅନୁଦାନ ଦେବା ଲାଗି ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।



ସ୍ମାରକପତ୍ର ଦେଇ ଫେରୁଛନ୍ତି।

### ବ୍ରହ୍ମପୁର ଯୁବପିଢ଼ିଙ୍କ ପଞ୍ଜାବୀ-ଓଡିଆ ଆଲବମ

# ବଲିଉଡ୍‌କୁ ନୂଆବର୍ଷ ଭେଟି ଦେବେ ଯୁବ କଳାକାର

**ବ୍ରହ୍ମପୁର ଅଫିସ,୧୯।୧୨**

ଆରା ମୁଭିଜ୍ ପ୍ରଯୋଜିତ ଓଡ଼ିଆ–ପଞ୍ଜାବୀ ମିଶ୍ର ଭାଷୀ ଆଲବମ୍ ଗୀତ ଦିଲ କୋ ହଟ୍ କର୍ ଦା.....ର ସୁଟିଂ ବ୍ରହ୍ମପୁର, ଗୋପାଳପୁର ଅଞ୍ଚଳରେ ଗୁରୁବାର ଶେଷ ହୋଇଛି। ପ୍ରଥମ ଥର ପାଇଁ ବ୍ରହ୍ମପୁର କଳାକାରଙ୍କ ଦ୍ୱାରା ବଲିଉଡ୍‌କୁ ଏଭଳି ଏକ ସଙ୍ଗୀତ ପ୍ରସ୍ତୁତ କରି ଭେଟି ଦିଆଯାଇଛି। ଏହି ଅଲବମ୍ ଗୀତ ସୁଟିଂ ଗୋପାଳପୁର ପାନ୍ଥନିବାସରେ କରାଯାଇଥିବା ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗୀତ ନିର୍ଦ୍ଦେଶକ କୁରେଶ ମହାରଣା ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ ଓଡିଆ–ପଞ୍ଜାବୀ ଭାଷା ମିଶ୍ରଣରେ ଏଭଳି ଏକ ଆଲବମ୍ ପ୍ରସ୍ତୁତ ହୋଇଥିବା ବେଳେ ଏହାର ପ୍ରଥମ ଗୀତ ଯାହା ବଲିଉଡ୍‌ର ଯଶରାଜ ଷ୍ଟୁଡିଓରେ ରେକର୍ଡିଂ ହୋଇଛି। ଗୀତରେ ପଦ୍ମଶ୍ରୀ ଉଦିତ ନାରାୟଣ ଓ ନୀତି ମୋହନ କଣ୍ଠଦାନ କରିଥିବା ବେଳେ ପ୍ରଯୋଜକ ପ୍ରଦୀପ କୁମାର ଆରା ଓ ଶୁଭମ୍ ପ୍ରଧାନ ଗୀତ ରଚନା କରିଛନ୍ତି। ଶୁଭମ୍ ପ୍ରଧାନ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ



ଖବରଦାତା ସମ୍ମିଳନୀରେ ଆଲବମ୍ ପ୍ରଯୋଜକ ଓ ଅନ୍ୟମାନେ ।

**ଓଡିଶାରେ ପ୍ରଥମ, ଜାନୁୟାରୀରେ ରିଲିଜ**

ବଲିଉଡର ବିଖ୍ୟାତ ଅଭିନେତ୍ରୀ ଆଞ୍ଜେଲା କ୍ରିସ୍‌ଲିଞ୍ଜକି ଓ ପ୍ରଯୋଜକ ପ୍ରଦୀପ ଆରା ଅଭିନୟ କରିଛନ୍ତି। ଜାନୁୟାରୀରେ ଆରା ମୁଭିଜ୍‌ର ୟୁଟ୍ୟୁବ୍ ଚ୍ୟାନେଲରେ ରିଲିଜ ହେବ ବୋଲି ପ୍ରଯୋଜକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପ୍ରଯୋଜକ ପ୍ରଦୀପ କୁମାର ଆରା, ଅଭିନେତ୍ରୀ ଆଞ୍ଜେଲା କ୍ରିସଲିଞ୍ଜକି, ନିର୍ଦ୍ଦେଶକ କୁରେଶ ମହାରଣା ଓ କୋରିଓଗ୍ରାଫର ଆୟିଶା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପଦବୀ ଅସିଦ୍ଧ ଘୋଷଣା ପ୍ରସଙ୍ଗ ଜିଲାକୋର୍ଟରୁ ରହିତାଦେଶ ଆଣିଲେ ସରପଞ୍ଚ

ପାତ୍ରପୁର,୧୯।୧୨(ଡି.ଏନ୍.ଏ.): ପାତ୍ରପୁର ସରପଞ୍ଚ ଏ. ଶ୍ରୀଦେବୀଙ୍କର ୩ ସନ୍ତାନ ଥିବା ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପରାଜିତ ପ୍ରାର୍ଥିନୀ ଅମ୍ବିକା ବିଷୋୟୀ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୨୬ ତାରିଖରେ ପାତ୍ରପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଦେବୀଙ୍କୁ ଅସିଦ୍ଧ ଘୋଷଣା କରିଥିଲେ । ପରେ ପରାଜିତ ପ୍ରାର୍ଥିନୀ ଅମ୍ବିକା ସରପଞ୍ଚ ଦାୟିତ୍ୱ ନେଇଥିଲେ। ତେବେ ବୁଧବାର ଶ୍ରୀଦେବୀ ଜିଲା ଅଦାଲତରୁ ତଳ କୋର୍ଟର ରାୟ ଉପରେ ରହିତାଦେଶ ଆଣିଛନ୍ତି। ଗୁରୁବାର ଶ୍ରୀଦେବୀ ନିଜ ସମର୍ଥଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କୁ ଉକ୍ତ ରହିତାଦେଶପତ୍ର ପ୍ରଦାନ କରିଛନ୍ତି।

### ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ, ଜଣେ ଗିରଫ

ଛତ୍ରପୁର,୧୯।୧୨(ଡି.ଏନ.ଏ) -ଛତ୍ରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଛତ୍ରପୁର ବ୍ଲକ ସୁନ୍ଦରପୁର ପଞ୍ଚାୟତ ନୂଆପଲ୍ଲୀ ଗାଁର ପୁରୁଷୋତ୍ତମ ଗୌଡ଼। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୁରୁଷୋତ୍ତମ ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଦୀର୍ଘଦିନ ହେଲା ସମ୍ପର୍କ ରଖି ଆସୁଥିଲେ। ପରେ ବିବାହ ନିମନ୍ତେ ମନା କରିବାରୁ ଯୁବତୀ ଜଣକ ଛତ୍ରପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୩୩୪/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଅଧ୍ୟକ୍ଷ ପଦବୀକୁ ନେଇ ଥମୁନି ଅଶାନ୍ତି

# ବ୍ଲକରେ ଜନପ୍ରତିନିଧିଙ୍କ ହୋହଲ୍ଲା

### ଅନାସ୍ଥା ବୈଠକ ଡକାଯାଇ ନ ଥିବାରୁ ବିଡିଓଙ୍କୁ ଘେରାଉ



ବିଡିଓଙ୍କୁ ଜନପ୍ରତିନିଧିଙ୍କ ଅଭିଯୋଗ କରୁଛନ୍ତି।

**ପୁରୁଷୋତ୍ତମପୁର, ୧୯।୧୨ (ଡି.ଏନ.ଏ.)**

ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷ ପଦବୀକୁ ନେଇ ଲାଗି ରହିଥିବା ଅଶାନ୍ତି ଥମିବାର ନାଁ ନେଉନାହିଁ। ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ପଦବୀରୁ ହଟାଇବା ଲାଗି ଅଧିକାଂଶ ସରପଞ୍ଚ, ସମିତିସଭ୍ୟ ଲାଗି ପଡିଛନ୍ତି। ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆଗତ କରିବାକୁ ୨୫ ଦିନ ତଳେ ବିଡିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା। ତେବେ ଏ ଯାଏ ଅନାସ୍ଥା ବୈଠକ ଡକାଯାଇ ନ ଥିବାରୁ ଗୁରବାର ଜନ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଘେରିଥିଲେ। ଅଧ୍ୟକ୍ଷଙ୍କୁ ଘୋଡାଇ ରଖାଯାଉଥିବାରୁ ପଞ୍ଚାୟତଗୁଡିକର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଦର୍ଶାଇ ହୋହଲ୍ଲା କରିଥିଲେ। ଏହି ସମୟରେ ଜନପ୍ରତିନିଧିଙ୍କ ସାଙ୍ଗରେ ଆସିଥିବା କେତେଜଣ କୁଜିନେତା ବିଡିଓଙ୍କୁ ଅସଦ ବ୍ୟବହାର ପ୍ରଦର୍ଶନ କରିବାକୁ ମଧ ପଛାଇ ନ ଥିଲେ। ଏ ନେଇ ବିଡିଓ ସୀମାଞ୍ଚଳ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଅନାସ୍ଥା ପ୍ରସ୍ତାବ ଉପରେ ଉପଜିଲାପାଳ ପଦକ୍ଷେପ ନେବେ। ଅନାସ୍ଥା ପ୍ରସ୍ତାବ ଆଣିଥିବା ସରପଞ୍ଚ ସମିତିସଭ୍ୟଙ୍କ ଦସ୍ତଖତ ଯାଞ୍ଚ ଓ ଠିକଣା ଜଣାଇବାକୁ ଉପଜିଲାପାଳଙ୍କଠାରୁ ନିର୍ଦ୍ଦେଶ ଆସିଥିଲା। ସେସବୁ କାର୍ଯ୍ୟ ସାରି ସୋମବାର ଉପ ଜିଲାପାଳଙ୍କ ନିକଟକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୫ତାରିଖରେ ବ୍ଲକ ଅଧ୍ୟକ୍ଷ ପଣ୍ଡା ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ଜିଲାପାଳଙ୍କ ସମେତ ଛତ୍ରପୁର ଉପଜିଲାପାଳ ଓ ବିଡିଓଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ପରେ ଗତ ନଭେମ୍ବର ୨୦ ତାରିଖରେ ତାଙ୍କ ପୁଅ ସୋସିଆଲ ମିଡ଼ିଆରେ ବାପାଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ କରି ତାଙ୍କୁ ଉଦ୍ଧାର କରିବା ଲାଗି ପ୍ରଶାସନକୁ ନିବେଦନ କରିଥିଲେ। ଉକ୍ତ ସନ୍ଧ୍ୟାରେ ସୂର୍ଯ୍ୟନାରାୟଣ ପୁରୁଷୋତ୍ତମପୁର ଥାନାକୁ ଆସି ପୁଅ କରିଥିବା ଅଭିଯୋଗ ଭିତ୍ତିହୀନ ବୋଲି ପାଲଟା ଅଭିଯୋଗ କରିଥିଲେ। ପରେଜତ ୨୫ ତାରିଖରେ ସୂର୍ଯ୍ୟନାରାୟଣ ବିଡିଓଙ୍କୁ ଭେଟି ତାଙ୍କ ଇସ୍ତଫାପତ୍ର ପ୍ରତ୍ୟାହୃତ କରିନେବେ ବୋଲି ଅନୁରୋଧ କରି ପୂର୍ବଭଳି କାର୍ଯ୍ୟାଳୟକୁ ଆସି ଫାଇଲପତ୍ର ଦସ୍ତଖତ କରି କାର୍ଯ୍ୟ କରିଥିଲେ। ଏହାପରେ ସଂଖ୍ୟାଧିକ ସରପଞ୍ଚ ସମିତିସଭ୍ୟ ନଭେମ୍ବର ୨୬ ତାରିଖରେ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ।

# ନିଆଁ ଲାଗି ସ୍ୱାମୀ, ସ୍ତ୍ରୀ ଗୁରୁତର

**ଧରାକୋଟ,୧୯।୧୨(ଡି.ଏନ୍.ଏ.)**

ଧରାକୋଟ ଥାନା ଜଗମୋହନ ପଞ୍ଚାୟତର ନନ୍ଦିଘୋର ଗ୍ରାମରେ ଗୁରୁବାର ପୂର୍ବାହ୍ନରେ ଗ୍ରାମର ଗୟାଧର ବାଡ଼ତ୍ୟା (୩୮)ଙ୍କ ସ୍ତ୍ରୀ ମମତା ବାଡ଼ତ୍ୟା (୩୦) ରୋଷେଇ କରୁଥିବାବେଳେ ଶାଢ଼ିରେ ନିଆଁ ଲାଗି ଯାଇଥିଲା। ଚିତ୍କାର ଶୁଣି ସ୍ୱାମୀ ଉଦ୍ଧାର କରିବାକୁ ଯାଇ ସେ ମଧ ଜଳିଯାଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ପରିବାର ଲୋକ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମମତାଙ୍କ ଶରୀରର ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ସ୍ୱାମୀ ଗୟାଧରଙ୍କର ୩୦ ପ୍ରତିଶତରୁ ଉର୍ଦ୍ଧ୍ୱ ପୋଡି ଯାଇଥିବା ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ଼ାକ୍ତର ଏମ୍. ଭି. କେ. ଅଶୋକଙ୍କ ଠାରୁ ପ୍ରକାଶ। ଧରାକୋଟ ଥାନାଧିକାରୀ ସହଦେବ ମହାପାତ୍ର ମେଡିକାଲରେ ପହଞ୍ଚି ତଦନ୍ତ କରିଛନ୍ତି।




## ■ବିଲ୍ ନ କରିବାରୁ ଆକ୍ରମଣ ଘଟଣା

# ୪ ସହଯୋଗୀ କୋର୍ଟ ଚାଲାଣ, ଗାଡ଼ି ଜବତ



ଗିରଫ ୪ ଅଭିଯୁକ୍ତ।

**ଗୋପାଳପୁର,୧୯।୧୨**

ପ୍ରକଳ୍ପର ବକେୟା ବିଲ୍ ନ କରିବାରୁ ଏକ କମ୍ପାନୀର ପ୍ରକଳ୍ପ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଫେରାର ୪ ଅଭିଯୁକ୍ତଙ୍କୁ ଗୋପାଳପୁର ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ଥାନା ପଥରାର ପି. ଲକ୍ଷ୍ମଣ ରେଡ୍ଡୀ(୨୯), କେ. ଶଙ୍କର ରେଡ୍ଡୀ(୧୯), ଜ୍ଞାନଦେବ ପାତ୍ର(୨୪) ଓ ପି. ଅନିଲ ରେଡ୍ଡୀ(୨୨)। ଗୋପାଳପୁର ଥାନା ଅନ୍ତର୍ଗତ ପୋକଡ଼ିବନ୍ଧ ଛକ ନିକଟରେ ପାରାଦୀପ ଠାରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ପାଇପ ବିଛା କାମ ଚାଲିଛି। ଏହି କମ୍ପାନୀରୁ ଠିକାରେ କିଛି କାମ କେ. ରାଜେନ୍ଦ୍ର ରେଡ୍ଡୀ କରିଥିଲେ। ବିଲ କରିବାକୁ ପ୍ରକଳ୍ପ ପରିଚାଳକ ରାଜେନ୍ଦ୍ର ଶ୍ରୀବାସ୍ତବଙ୍କୁ ଠିକାଦାର ରାଜେନ୍ଦ୍ର କହିଥିଲେ। ବିଳମ୍ବ ହେବାରୁ ରାଜେନ୍ଦ୍ର ଓ କିଛି ସହଯୋଗୀ ୨ ତାରିଖରେ କାର୍ଯ୍ୟାଳୟରେ ପଶି ଶ୍ରୀବାସ୍ତବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ୪ ଅଭିଯୁକ୍ତ ବ୍ରହ୍ମପୁର ମହାନଗର ଫାଷ୍ଟଗେଟ୍ ନିକଟରେ ଏକ ଭଡ଼ା ଘରେ ରହିଥିଲେ। ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗୁରୁବାର ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲେ। ଆକ୍ରମଣ ବେଳେ ବ୍ୟବହାର ହୋଇଥିବା ବୋଲେରୋକୁ ଜବତ କରିଥିଲେ। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ରାଜେନ୍ଦ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।




# ବାଲି, ପଥର ବୋଝେଇ ୩ ଟ୍ରାକ୍ଟର ଜବତ

**ଶେରଗଡ,୧୯।୧୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ ବ୍ରାହ୍ମଣଛାଇ ଓ ତହଁରରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଦୁଇଟି ଟ୍ରାକ୍ଟରକୁ ତହସିଲ ପକ୍ଷରୁ ଜବତ କରାଯାଇଛି। ଟ୍ରାକ୍ଟର ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବ୍ରାହ୍ମଣଛାଇ ଓ ତହଁରରୁ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେବାପରେ ଶେରଗଡ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ମନୋଜ ନାହାକ ଓ ପି. ପଞ୍ଚମା ସଦଳବଳ ଚଢାଉ କରିଥିଲେ। ସହିପରି ଏକ ପଥର ବୋଝେଇ ଟ୍ରାକ୍ଟରକୁ ମଧ ଜବତ କରି ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# ମାର୍‌ପିଟ, ଚୋରି ଅଭିଯୋଗ: ଯୁବକ ଗିରଫ

**ବୁଗୁଡ଼ା,୧୯।୧୨(ଡି.ଏନ.ଏ.)**

ବୁଗୁଡ଼ା ଥାନା ରାମଣ୍ଡା ଗ୍ରାମରେ ମା' ଓ ଝିଅଙ୍କୁ ମାର୍‌ପିଟ ସହ ସୁନା କାନଫୁଲ ଚୋରି ଅଭିଯୋଗରେ ବୁଗୁଡ଼ା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ରାମଣ୍ଡା ଗ୍ରାମର ବୁଲୁ ଦଳେଇ। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗକ୍ରମେ ବୁଗୁଡ଼ା ଥାନାରେ ନଂ.୨୯୯/୧୯ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ବୁଧବାର ରାମଣ୍ଡା ଗ୍ରାମର ଅନୁସୂୟା ସେଠୀ ତାଙ୍କ ଝିଅଙ୍କ ସହ ବନ୍ଧରୁ ଗାଧୋଇ ସକାଳ ପ୍ରାୟ ୯ଟାବେଳେ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉକ୍ତ ଗ୍ରାମର ବୁଲୁ ମା' ଓ ଝିଅଙ୍କୁ ଅଟକାଇ ଗାଳି କରିବା ସହ ବାଉଁଶରେ ପିଟିଥିଲେ। ଏଥିସହ ଅନୁସୂୟାଙ୍କ କାନରୁ ଏକ ସୁନାଫୁଲ ଝିଙ୍କି ନେଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ